# ଜିଲ୍ଲାସ୍ତରୀୟ ଧାନମଣ୍ଡି ଉଦ୍‌ଘାଟିତ




ଖଇରା,୨୯ ।୧୨ (ସମିସ)

ବାଲେଶ୍ୱର ଜିଲ୍ଲା ଖଇରା ବ୍ଲକ ଅଧୀନ ଅନ୍ତରା ସେବା ସମବାୟ ସମିତିରେ ସୋମବାର ଜିଲାସ୍ତରୀୟ ଧାନମଣ୍ଡିର ଶୁଭ ଉଦଘାଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଉକ୍ତ ଉଦ୍‌ଘାଟନୀ ସମାରୋହରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ସରକାର ଟୋକନ ପାଇଥିବା ସବୁଚାଷୀଙ୍କ ନିକଟରୁ ଧାନ କିଣିବେ । ଧାନକିଣାରେ କଟନ ଛଟନିକୁ ବରଦାସ୍ତ କରାଯିବନି । ମଣ୍ଡିକୁ ଆସୁଥିବା ଚାଷୀଙ୍କ ଲାଗି ଚାପାଣିର ବ୍ୟବସ୍ଥା କରିବେ ବୋଲି ପ୍ରକାଶ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ପଦ୍ମଲୋଚନ ପଣ୍ଡା, ବାଲେଶ୍ୱର ଜିଲାପାଳ ସୂର୍ଯ୍ୟବଂଶୀ ମୟୂରବିକାଶ, ଏସପି ପ୍ରତ୍ୟୁଷ ଦିବାକର, ତହସିଲଦାର ଅମିତ ରଞ୍ଜନ ହୋତା, ବିଡିଓ ନାରାୟଣ ସାହୁ, ବାଲେଶ୍ୱର-ଭଦ୍ରକ ସମବାୟ ବ୍ୟାଙ୍କ ସଭାପତି ଗଣେଶ ଚନ୍ଦ୍ର ମହାପାତ୍ର, ଜିଲା ଯୋଗାଣ ଅଧିକାରୀ ସ୍ମିତା ନାୟକ, ଉପନିବନ୍ଧକ ସରୋଜିନୀ ନାୟକ, ଖଇରା ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଜିଲା ପରିଷଦ ସଭ୍ୟା ସୁଷମା ମହାପାତ୍ର, ଅନ୍ତରା ସରପଞ୍ଚ ରଶ୍ମିତା ଜେନା ଓ ସମିତି ସଭ୍ୟା ସବିତାରାଣି ପଣ୍ଡା, ରପେୟା ସରପଞ୍ଚ ମଞ୍ଜୁଲତା ସାମଲ ଓ ସମିତି ସଭ୍ୟ ସୂର୍ଯ୍ୟକାନ୍ତ ସ୍ୱାଇଁ,ସହକାରୀ ନିବନ୍ଧକ ଏକାଦଶୀ ଦାସ, ଅନ୍ତରା ସମିତି ସଭାପତି ଅଜୟ କୁମାର ସାମଲ, ଉପସଭାପତି ତୁଳସୀ ବିଶ୍ୱାଳ, ବ୍ଲକ ଅଧିକାରୀ ସୁବାସିନୀ ସାହୁ ପ୍ରମୁଖ ସମ୍ମାନନୀୟ ଅତିଥି ଭାବେ ଯୋଗ ଦେଇ । ଅନ୍ତରା ସମିତି ସମ୍ପାଦକ ବିକାଶ ନାୟକ ସଭାପତିତ୍ୱ ଓ ବସନ୍ତ ବିଶ୍ୱାଳ ମଞ୍ଚ ପରିଚାଳନା କରିଥିଲେ ।

## ମନ୍ତ୍ରୀ ରାସନ କାର୍ଡ ବାଣ୍ଟିବା ବେଳେ ଗର୍ଭବତୀ ଅସୁସ୍ଥ



ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନରେ ଖାଉଟି କଲ୍ୟାଣ ଓ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ରେସନ କାର୍ଡ ବଣ୍ଟନବେଳେ ପୂର୍ବାହ୍ନ ୧୧ଟାରୁ ରେସନ କାର୍ଡ ନେବାକୁ ଆସିଥିବା ଜଣେ ମହିଳା ଚେୟାରରୁ ଖସି ଅସୁସ୍ଥ ହୋଇ ପଡିବା ଭଳି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି । ଉକ୍ତ ମହିଳାଙ୍କ ନାମ ରିଙ୍କି ବେହେରା । ଘର ସାରଡାଙ୍ଗ ପଞ୍ଚାୟତ ଅଧୀନ ମିର୍ଜାପୁର ଗ୍ରାମରେ । ଅସୁସ୍ଥ ରିଙ୍କିଙ୍କ ଶାଶୁ କୁନି ବେହେରାଙ୍କ ବୋହୁର ଏଭଳି ଅବସ୍ଥା ପାଇଁ ବ୍ଲକ ପ୍ରଶାସନକୁ ଦାୟୀ କରିଛନ୍ତି । ରବିବାର ଦିନ ତାଙ୍କୁ ଖବର ଦିଆଯାଇଥିଲାକି ନିଜେ ହିତାଧିକାରୀ ବ୍ଲକକୁ ନ ଗଲେ ପରବର୍ତ୍ତୀ ସମୟରେ ଆଉ କାର୍ଡ ମିଳିବ ନାହିଁ ବୋଲି କହିବା ପରେ କାର୍ଡ କଟିଯିବା ଭୟରେ ତାଙ୍କ ବୋହୂ ବ୍ଲକକୁ ଆସିଥିଲା । ହେଲେ ୧୧ଟାରେ କହି ୪ଟାରେ ମନ୍ତ୍ରୀ ଆସିବା ପର୍ଯ୍ୟନ୍ତ ଉପାସରେ ରହିଥିବା ୮ ମାସ ଗର୍ଭବତୀ ଥିବା ବୋହୂଙ୍କୁ ସାମାନ୍ୟ କିଛି ଟିଫିନ ଦିଆଯିବା ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିଲା ବୋଲି କହିଛନ୍ତି । ଖଇରା ବ୍ଲକ ବିଡିଓ ନାରାୟଣ ସାହୁଙ୍କୁ ଯୋଗାଯୋଗ କରିବାରେ ମନ୍ତ୍ରୀଙ୍କ ଅନ୍ୟ କାର୍ଯ୍ୟକ୍ରମ ଯୋଗୁଁ ବିଳମ୍ବ ଘଟିଲା । ଅସୁସ୍ଥ ମହିଳାଙ୍କୁ ତୁରନ୍ତ ଚିକିତ୍ସା ପାଇଁ ମେଡିକାଲକୁ ଅଣାଯାଇଥିଲା ବୋଲି କହିଛନ୍ତି । ତାଙ୍କ ଅବସ୍ଥା ଭଲଥିବା ବୋଲି ପ୍ରତିକ୍ରିୟାରେ କହିଛନ୍ତି ଉକ୍ତ କାର୍ଡ ବଣ୍ଟନ କାର୍ଯ୍ୟକ୍ରମରେ ମନ୍ତ୍ରୀଙ୍କ ବ୍ୟତିତ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ତହସିଲଦାର ଅମିତ ରଞ୍ଜନ ହୋତା, ଯୋଗାଣ ବିଭାଗ ଅଧିକାରିଣୀ ସୁବାସିନୀ ସାହୁ ପ୍ରମୁଖ ଉପସ୍ଥିତ ଥିଲେ । ଦିବସ ବ୍ୟାପି କାର୍ଯ୍ୟକ୍ରମକୁ ଲୋକଙ୍କୁ ଡକାଯାଇ ମଧ୍ୟାହ୍ନ ଭୋଜନ ବ୍ୟବସ୍ଥା କରା ନ ଯିବାରେ ବ୍ଲକ ପ୍ରଶାସନର ପାରିବା ପଣିଆକୁ ନେଇ ପ୍ରଶ୍ନ ଉଠିଛି ।

## କାଶିଡିହା ପ୍ରିମିୟର ଲିଗ୍ ଉଦ୍‌ଘାଟିତ

ଜଳେଶ୍ୱର, ୨୯।୧୨ (ସମିସ) : କାଳିଡିଆ ଖେଳ ପଡିଆଠାରେ ୩ଦିନ ଧରି ହେବାକୁ ଥିବା କେପିଏଲ୍ ପ୍ରିମିୟର ଲିଗ୍ ସୀମିତ ଓଭର କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆଜି ଉଦ୍‌ଘାଟିତ ହୋଇଯାଇଛି । ତହସିଲଦାର ସତ୍ୟଜିତ୍ ମହାନ୍ତି ଏହାକୁ ଉଦ୍‌ଘାଟିତ କରିଥିବା ବେଳେ ଏ୧ ଷ୍ଟ୍ରାଇକର, କହିନୋର ୱାରିୟର, ଇଲାଇଟି ସ୍ମାସର, ମହାବରୀ ୧୧ ପ୍ରମୁଖ ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବେ ବୋଲି ଜଣାଯାଇଛି । କେପିଏଲ୍‌ର ସଭାପତି ଅନୁପ ରାଜ, ସଂପାଦକ ହରେକୃଷ୍ଣ ରାଜ, ଅମିତ୍ କୁମାର ସେନାପତି, ବିଷ୍ଣୁରଂଜନ କର, ଗୋବିନ୍ଦ ଜେନା, ସୌରଭ ନନ୍ଦୀ ପ୍ରମଖଙ୍କ ସହିତ ବହୁ ସଦସ୍ୟ ଉପସ୍ଥିତ ଥିଲେ ।

## ଶୀତବସ୍ତ୍ର ବଣ୍ଟନ

ବାଲେଶ୍ୱର,୨୯।୧୨(ସମିସ): ସାମାଜିକ ସଂଗଠନ ଫ୍ରିଡମ୍ ଫାଉଣ୍ଡେସନ ତରଫରୁ ବାଲେଶ୍ୱର ରେଳଷ୍ଟେସନ ନିକଟରେ ରାସ୍ତା କଡ଼ରେ ଖୋଲା ଆକାଶ ତଳେ ରହୁଥିବା ଅସହାୟ ଶ୍ରେଣୀର ୫୦ରୁ ଉଦ୍ଧ୍ୱର୍ ଲୋକଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ସଂଗଠନ ସଦସ୍ୟ ଆଶିଷ ପଣ୍ଡା, ଜଗତଜିତ୍ ପଣ୍ଡା, ଭବାନୀ ଶଙ୍କର ବାରିକ୍, ବାଦଲ ସିଂ, ପ୍ରିତମ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ସିମୁଳିଆ ବ୍ଲକରେ ନୂତନ ରାସନ କାର୍ଡ ବଣ୍ଟନ



ସିମୁଳିଆ,୨୯।୧୨ (ସମିସ): ସିମୁଳିଆ ବ୍ଲକ ପରିସରରେ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀଙ୍କ ଦ୍ୱାରା ନୂତନ ହିତାଧିକାରୀଙ୍କ ରାସନ କାର୍ଡ ବଣ୍ଟନ କରାଯାଇଛି । ସିମୁଳିଆ ବ୍ଲକର ବହୁ ହିତାଧିକାରୀ ରାସନ କାର୍ଡ ନିମନ୍ତେ ଆବେଦନ କରିଥିଲେ । ସେମାନଙ୍କ ମଧ୍ୟରୁ ୧୫୫ଜଣ ପ୍ରକୃତ ହିତାଧିକାରିଙ୍କୁ ମନୋନୀତ କରାଯାଇଥିଲା । ଆଜି ବ୍ଲକ ପରିସରରେ ସଭା କାର୍ଯ୍ୟ ଅନୁଷ୍ଠିତ ହୋଇ ୧୫୫ଜଣ ନୂତନ ହିତାଧିକାରିଙ୍କୁ ଯୋଗାଣ ଖାଉଟି ଓ କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଡ ବଣ୍ଟନ କରିଥିଲେ । ଏହି ସଭାରେ ସିମୁଳିଆ ବିଧାୟକ ପଦ୍ମଲୋଚନ ପଣ୍ଡା, ବ୍ଲକ ଅଧକ୍ଷ ବାବାଜୀ ଚରଣ ମଲ୍ଲିକ, ବିଡ଼ିଓ ସୁନିଲ କୁମାର ଟୁଡୁ, ମାର୍କୋଣା ମଣ୍ଡଳ ସଭାପତି ଅଭିନାଷ ବେହେରା ଓ ବ୍ଲକ ଯୋଗାଣ ନିରୀକ୍ଷକ ଅଜୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ପାତ୍ର ଗରିବ ଓ ଅସହାୟ ବ୍ୟକ୍ତିଙ୍କୁ କମ୍ବଳ ବଣ୍ଟନ କରିଥିଲେ । ଏହି କାର୍ଯ୍ୟକ୍ରମରେ ୨୨ଟି ପଞ୍ଚାୟତର ନିର୍ବାଚିତ ପ୍ରତିନିଧି, ମିଶନ ଶକ୍ତି ମହିଳା ଏବଂ ବ୍ଲକ ସମସ୍ତ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ ।

## ପଞ୍ଚମ କୀର୍ତ୍ତିଧାରା-ରବିନାରାୟଣ ସ୍ମାରକୀ ବକ୍ତୃତା




ବାଲେଶ୍ୱର,୨୯।୧୨(ସମିସ): ପଞ୍ଚମ କୀର୍ତ୍ତିଧାରା-ରବି ନାରାୟଣ ସ୍ମାରକୀ ବକ୍ତୃତା ଫକୀରମୋହନ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି । ସ୍ୱର୍ଗତ ରାଧାମାଧବ ଗିରି ଓ ସ୍ୱର୍ଗତ ରବି ନାରାୟଣ ଦାସଙ୍କ ଫଟୋଚିତ୍ରରେ ଅତିଥିଗଣ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ସଭାପତିତ୍ୱ କରି କହିଥିଲେ । ଫକୀରମୋହନ ବିଶ୍ୱବିଦ୍ୟାଳୟ ଅନାଲୋଚିତ ପ୍ରତିଭା ମାନଙ୍କୁ ଲୋକଲୋଚନକୁ ଆଣିବା ଏବଂ ସେମାନଙ୍କ ଦ୍ୱାରା ରଚିତ ସାହିତ୍ୟକୁ ଉତ୍ସାହିତ କରିବାରେ ସକ୍ଷମ ପ୍ରୟାସ କରି ଆସିଛି ଓ ଭବିଷ୍ୟତରେ ଏହା ଜାରିରହିବ' । ଅତିଥି ରୂପ ନାରାୟଣ ଦାସ ତାଙ୍କର ପ୍ରାରମ୍ଭିକ ବକ୍ତବ୍ୟରେ "କୀର୍ତ୍ତିଧାରା' ପରମ୍ପରାର ସାହିତ୍ୟିକ ଗୁରୁତ୍ୱ ଓ ଏହାର ସାମାଜିକ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ । ଭାଷା ଓ ସାହିତ୍ୟ ବିଭାଗ ମୁଖ୍ୟ ପ୍ରଫେସର ଦେବାଶିଷ ପାତ୍ର ସ୍ୱାଗତ ଭାଷଣ ସହ ସଭା ସଂଚାଳନ କରିଥିଲେ । ଏହି ଅବସରରେ ସ୍ମାରକୀ ବକ୍ତୃତା 'ରାଧାମାଧବ ଗିରି: ତାଙ୍କର ଜୀବନ ଏବଂ ରଚନା' ବିଷୟରେ କାଳିପଦ ପଣ୍ଡା, ସ୍ମୃତିଚାରଣ ମାଧ୍ୟମରେ ରାଧାମାଧବ ଗିରିଙ୍କ ସାହିତ୍ୟିକ ଅବଦାନ, ମାନବୀୟ ସମ୍ବେଦନା ଓ ସୃଜନାତ୍ମକ ଚେତନାକୁ ସୁନ୍ଦର ଭାବରେ ଉପସ୍ଥାପନ କରିଥିଲେ । ଶେଷରେ ଦେବାଶିଷ ଦାସ ଧନ୍ୟବାଦ ଅର୍ପଣ କରିଥିଲେ ।

# ଶତ୍ରୁଘ୍ନନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହର ଦ୍ୱିତୀୟ ସନ୍ଧ୍ୟା



ସୋର, ୨୯।୧୨(ସମିସ): ସୋର ବ୍ଲକ କେଶରୀପୁର ପଞ୍ଚାୟତ କେଶରୀପୁରସ୍ଥିତ ଶତ୍ରୁଘ୍ନନାଥ ସରକାରୀ ଉଚ୍ଚ ବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ସମାରୋହ ଆଜି ଦ୍‌?ତୀୟ ସନ୍ଧ୍ୟା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନରଞ୍ଜନ ବିଶ୍ୱାଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ନୟାଗଡ଼ ବିଧାୟକ ଡ଼. ଅରୁଣ କୁମାର ସାହୁ ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିକ୍ଷା, ଶିକ୍ଷକ, ଶିକ୍ଷାୟାତନ ବାବଦରେ କହିବା ସହିତ ଅଭିଭାବକ ମାନେ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ପରିଭ୍ରମଣରେ ନେବାପାଇଁ ଅଭିଭାବକ ମାନଙ୍କୁ ଆହ୍ୱାନ ଦେଇଥିଲେ । ସମ୍ମାନିତ ଅତିଥି ଭାବେ ଜୟନ୍ତୀ କମିଟି ସଭାପତି ପ୍ରିୟନାଥ ପଣ୍ଡା, ସମ୍ପାଦକ କମଳାକାନ୍ତ ପଲେଇ, ଆଲୁମୁନି କମିଟି ସଭାପତି ଡ. ସୁରେନ୍ଦ୍ର କୁମାର ବିଶ୍ୱାଳ, ଜୟନ୍ତୀ କମିଟି ଉପସଭାପତି ଆଶିଷ କୁମାର ରାଉତ, ଗୋଲକ ପାତ୍ର,ମହେନ୍ଦ୍ର ସାହୁ ପ୍ରମୁଖ ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ । ମୁଖ୍ୟବକ୍ତା ଭାବେ ଡ଼. କାଳପଦ ପଣ୍ଡା ଯୋଗଦେଇ ମାଆର ଋଣ କେବେ ପୁଅ ସୁଝି ପାରେନି ବୋଲି ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉଦାହରଣ ମାଧ୍ୟମରେ ବକ୍ତବ୍ୟ ପ୍ରଦାନ କରିଥିଲେ । ବିଦ୍ୟାଳୟର ପୁରାତନ ଛାତ୍ର ତଥା ଶିକ୍ଷକ ଗୋପୀନାଥ ରାଉତ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବାବେଳେ ପ୍ରଧାନ ଶିକ୍ଷକ ଶ୍ରୀ ବିଶ୍ୱାଳ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ରାକେଶ ମଲ୍ଲିକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ସଭାକାର୍ଯ୍ୟ ପରେ ପିକେ ଗ୍ରୁପ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଚଳଚିତ୍ର ଅଭିନେତ୍ରୀ ଜୀନା ଏବଂ ପ୍ରଭୁପାଦଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମରେ ଦର୍ଶକ ବିଭୋର ହୋଇଥିଲେ । ଏହି କାର୍ଯ୍ୟକ୍ରମକୁ ବିଦ୍ୟାଳୟ ଆଲୁମିନି କମିଟିର ସମସ୍ତ ସଦସ୍ୟ ସଦସ୍ୟା, ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ପରିଚାଳନା କରିଥିଲେ ।

## କୁଶଗଡ଼ ଗ୍ରାମରେ ହାତୀ ଉପଦ୍ରବ



ଜଳେଶ୍ୱର,୨୯।୧୨ (ସମିସ): ଜଳେଶ୍ୱର ବ୍ଲକ ଅନ୍ତର୍ଗତ ରାଇବଣିଆ ଥାନା ଅଧୀନ ଶ୍ୟାମନଗର ଗ୍ରାମ ପଞ୍ଚାୟତର କୁଶଗଡ଼ ଓ ହଳଦିଗୁଣ୍ଡି ଜଙ୍ଗଲରେ ପଶ୍ଚିମବଙ୍ଗର ୨ ଟି ଦନ୍ତା ହାତି ଗତକାଲି ରବିବାର ରାତି ୨ ଟା ସମୟରେ ପଶି କୁଶଗଡ଼ ଗ୍ରାମରେ ଉପଦ୍ରବ କରି ବହୁ କ୍ଷୟକ୍ଷତି ଘଟାଇଛି । ପଶ୍ଚିମବଙ୍ଗର ୨ଟି ଦନ୍ତା ହାତୀ କୁଶଗଡ଼ ଗ୍ରାମର ଗୁର୍ବା ମାର୍ଣ୍ଡିର କଦଳୀ ଗଛ ଭାଙ୍ଗିବା ସହିତ ଉପାର୍ଜିତ ଧାନ ଖାଇ ଦେଇଛନ୍ତି । ସେହିପରି ଜୟନ୍ତ ପାତ୍ରଙ୍କ କଦଳୀ ଗଛ ସହ ଅନ୍ୟ ସାମଗ୍ରୀ ନଷ୍ଟ କରିଦେଇଛି । ଗ୍ରାମବାସୀ ଜଙ୍ଗଲ ବିଭାଗକୁ ଖବର ଦେଇଥିଲେ ମଧ୍ୟ ସେମାନଙ୍କ ଆସିବା ବିଳମ୍ବ ଦେଖି ଗ୍ରାମବାସୀଙ୍କ ତରଫରୁ ସାଗର୍ଜିତ ମାର୍ଣ୍ଡି, କାହ୍ନା ମାର୍ଣ୍ଡି, ରଘୁବୀର ପାତ୍ର, ରାଜିବ ଖୁଣ୍ଟିଆ ଓ ସୁବାଷ ଘୋଷ ପ୍ରମୁଖ ହାତୀ ଦୁଇଟିକୁ ପଶ୍ଚିମବଙ୍ଗ ବାଉଁଶଖାଳି ଜଙ୍ଗଲକୁ ଘଉଡ଼ାଇ ଥିବା ବେଳେ ଜଙ୍ଗଲ ବିଭାଗ ଦ୍ୱାରା ନିୟୋଜିତ ଗଜସାଥୀ ଦୁର୍ଗା ମାର୍ଣ୍ଡି, ପଲଟୁ ପାତ୍ର, ମୁକ୍ତି ପାତ୍ର ପ୍ରମୁଖ ଭୋର ୪ ଟା ସମୟରେ ପହଞ୍ଚି ଘଉଡ଼ାଇବାକୁ ସକ୍ଷମ ହୋଇଥିଲେ ।

## ବାଂଲାଦେଶୀ ସନ୍ଦେହରେ ଦୁଇ ଫେରିବାଲାକୁ ଥାନାକୁ ନେଲେ

ନୀଳଗିରି, ୨୯।୧୨ (ସମିସ): ନୀଳଗିରି ଉପଖଣ୍ଡରେ ବାଂଲାଦେଶୀ ଅନୁପ୍ରବେଶକାରୀଙ୍କ ପ୍ରାଦୁର୍ଭାବ ବଢ଼ି ଚାଲିଥିବା ବେଳେ ହିନ୍ଦୁ ଭାଇମାନେ ଏହାକୁ ରୋକ୍ ଦେବାପାଇଁ ଅଣ୍ଟା ଭିଡିଛନ୍ତି । ନୀଳଗିରିରୁ ବାଂଲାଦେଶୀ ଅନୁପ୍ରବେଶକାରୀ ମାନଙ୍କୁ ଓଡ଼ିଶାରୁ ହଟାଇବା ଦାବିରେ ନୀଳଗିରି ବିଶ୍ୱହିନ୍ଦୁ ପରିଷଦ ବଜରଙ୍ଗ ଦଳ ପକ୍ଷରୁ ଏକ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହ ସହର ପରିକ୍ରମା କରିଥିଲେ । ଏହି ପରିକ୍ରମା ସମୟରେ ନୀଳଗିରି ବସ୍‌ଷ୍ଟାଣ୍ଡ ନିକଟରେ ଏକ ବାଇକରେ ସିଂଲା ଥାନା ଅନ୍ତର୍ଗତ ଗୋପିନାଥପୁର ଅଞ୍ଚଳର ଶେଖ୍ କରିମ୍ ଓ ଶେଖ୍ ବେଶାରୁଦ୍ଦିନ ଫେରି କାମ କରି ଉଦଳା ଯାଉଥିବା ବେଳେ ସେମାନଙ୍କୁ ଖୁବ୍‌ଶୀଘ୍ର ଓଡିଶା ଛାଡି ପଳାଇ ଯିବାକୁ ଧମକ ଦେବା ସହ ନୀଳଗିରି ଥାନାରେ ହାଜର କରାଇଥିଲେ । ପରେ ପୁଲିସ ଦୁଇ ଜଣଙ୍କୁ ପଚରା ଉଚୁରା କରିବା ସହ ସେମାନଙ୍କର ସମସ୍ତ ତଥ୍ୟ ରଖି ଛାଡି ଦେଇଥିବାର ଜଣାପଡିଛି ।

## ଜଳେଶ୍ୱର ସହର ମୁଖ୍ୟରାସ୍ତାରେ ଟ୍ରାଫିକ୍ ସମସ୍ୟା




### ୨ ଘଣ୍ଟା ଜାମ୍, ଯାତ୍ରୀ ହୀନସ୍ତା

ଜଳେଶ୍ୱର ୨୯।୧୨ (ସମିସ) : କ୍ରମବର୍ଦ୍ଧିଷ୍ଣୁ ଜଳେଶ୍ୱର ସହରରେ ଦିନକୁ ଦିନ ଟ୍ରାଫିକ୍ ସମସ୍ୟା ଉତ୍କଟ ହେବାରେ ଲାଗିଛି । ଜଳେଶ୍ୱର, ଭୋଗରାଇ, ବାଲିଆପାଳ, ବସ୍ତା, ରାସଗୋବିନ୍ଦପୁର ଓ ପଶ୍ଚିମବଂଗର ଦାନ୍ତୁନ, ସୁନାକଣିଆ, ଗୋମଣ୍ଡା, ମୋହନପୁର ଇତ୍ୟାଦି ସ୍ଥାନରୁ ଲୋକମାନେ ଏଠାକୁ ବିଭିନ୍ନ ଜିନିଷପତ୍ର କିଣ, ବିକାଲାଗି ଆସିଥାନ୍ତି । ଉତ୍ତର ବାଲେଶ୍ୱରରେ ଏହା ଏକ ପ୍ରମୁଖ ସ୍ଥାନ ହୋଇଥିବାରୁ ପ୍ରତିଦିନ ହଜାର ଗାଡି ମଟର ଏଠାକୁ ଆସିଥାଏ । ବିଶେଷଭାବେ ଷ୍ଟେସନବଜାର ବସ୍‌ଷ୍ଟାଣ୍ଡ ଠାରୁ ବଡବଜାର ଡାକବଂଗଳା ପର୍ଯ୍ୟନ୍ତ ମୁଖ୍ୟ ରାସ୍ତା ପାଶ୍ୱର୍ରେ ଦୋକାନ ବଜାର ଗଢି ଉଠିଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟି ହୋଇଥାଏ । ସୋମବାର ଦିନ ସାପ୍ତାହିକ ହାଟ ଥିବାରୁ ଅଧିକ ଗହଳି ପରିଲକ୍ଷିତ ହୋଇଥାଏ । ତେଣୁ ଆଜି ଦିନ ୧୦ଟାରୁ ୧୨ଟା ପର୍ଯ୍ୟନ୍ତ ଦୁଇ କି.ମି ଲମ୍ବ ଏହି ରାସ୍ତାରେ ହଜାର ହଜାର ଯାନ ଅଟକି ରହିଥିଲା । ଫଳରେ ଟ୍ରେନ୍, ବସ୍ ଧରିବାକୁ ଥିବା ଯାତ୍ରୀ, ଅତ୍ୟାବଶ୍ୟକ ସେବା ଆମ୍ବୁଲାନ୍ସ ଭଳି ଗାଡି ମଧ୍ୟ ଅଟକି ରହିଥିଲା । ଲୋକେ ନାହିଁନଥିବାର ଅସୁବିଧାରେ ପଡୁଥିବାରୁ ଏହାର ସମାଧାନ ଲାଗି ପ୍ରଶାସନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି ।

## ପଞ୍ଚମଦିନରେ ପାରାୟଣ, ଆଜି ରକ୍ତଦାନ ଶିବିର



ବାଲେଶ୍ୱର, ୨୯।୧୨ (ସମିସ) : ସ୍ଥାନୀୟ ଆୟୁଷ୍ମାନ କଲ୍ୟାଣ ମଣ୍ଡପଠାରେ ସାଇ ନିର୍ମାଲ୍ୟ ଓ ଶିରିଡ଼ି ସାଇ ସର୍ଭାଣ୍ଟସ ସୋସାଇଟି ଟ୍ରଷ୍ଟ ଆନୁକୂଲ୍ୟରେ ଚାଲିଥିବା ଶ୍ରୀସାଇ ସତ୍‌ଚରିତ ସମୂହ ପାରାୟଣ ସପ୍ତାହ ଆଜି ପଞ୍ଚମ ଦିବସରେ ପହଞ୍ଚିଛି । ଆଜି ପାରାୟଣର ପଞ୍ଚମ ଦିନରେ ଊନତ୍ରିଂଶ ଅଧ୍ୟାୟରୁ ପଞ୍ଚତ୍ରିଂଶ ଅଧ୍ୟାୟ ପର୍ଯ୍ୟନ୍ତ ପାରାୟଣ କରାଯାଇଥିଲା । ପବିତ୍ର ଗ୍ରନ୍ଥର ଅନୁବାଦକ ତଥା ବାବାଙ୍କର ପରମ ଭକ୍ତ ଶ୍ରୀ ସତ୍ୟ ଖଣ୍ଡରାୟ ପାରାୟଣ କରି ଶ୍ରୀସାଇଙ୍କର ଲୀଳାବଳୀକୁ ପାଠକ ଓ ଭକ୍ତମାନଙ୍କୁ ଆମୃଷ୍ଟ କରାଇଥିଲେ । ଆସନ୍ତାକାଲି ରକ୍ତଦାନ ଶିବିର ଅନୁଷ୍ଠିତ ହେବ । ବୁଧବାର ଦିନ ପାରାୟଣ ମଣ୍ଡପରେ ସାମୂହିକ ଅଭିଷେକ ପୂଜା ଅନୁଷ୍ଠିତ ହେବ । ଗୁରୁବାର ପାରାୟଣର ଅନ୍ତିମ ଦିବସ । ସେହିଦିନ ଗୋପାଳକଳା ଉତ୍ସବ ସହ ଆଠଦିନ ଧରି ଚାଲିଥିବା ପାରାୟଣ ଉତ୍ସବ ଉଦ୍‌ଯାପିତ ହେବ ।

## ୧୪ ବର୍ଷରୁ କମ୍ ରାଜ୍ୟ ଭଲିବଲ୍ ଦଳରେ ଶୁଭଙ୍କର

ଜଳେଶ୍ୱର ବ୍ଲକ, ୨୯।୧୨(ସମିସ): ହିମାଚଳ ପ୍ରଦେଶର ପାଓନ୍ତାରେ ୧୪ ବର୍ଷରୁ କମ୍ ବୟସର ଛାତ୍ରଛାତ୍ରୀଙ୍କୁ ନେଇ ଜାତୀୟ ସ୍କୁଲ ଗେମସ୍ ପ୍ରତିଯୋଗିତା ଅନୁଷ୍ଠିତ ହେବ । ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ୧୩ ଜଣ ଛାତ୍ର ଭଲିବଲ୍ ଟିମ୍‌ରେ ଭାଗ ନେବେ । ଏହି ଦଳରେ ବାଲେଶ୍ୱର ଜିଲ୍ଲାରୁ ୨ ଛାତ୍ର ମନୋନୀତ ହୋଇଛନ୍ତି । ସେଥି ମଧ୍ୟରୁ ଜଳେଶ୍ୱର ବ୍ଲକ୍ ମାକଡ଼ିଆ ପଞ୍ଚାୟତ କୁଅଁରପୁରସ୍ଥିତ ଜଗଦୀଶ ଚନ୍ଦ୍ର ହାଇସ୍କୁଲର ଅଷ୍ଟମ ଶ୍ରେଣୀର ଛାତ୍ର ଶୁଭଙ୍କର ସାମଲ ତଥା କୁଅଁରପୁର ଗ୍ରାମର ଗୋବିନ୍ଦ ସାମଲ ଓ ସରିତା ସାମଲଙ୍କ ପୁତ୍ର ପ୍ରତିଯୋଗିତାରେ ଭାଗନେବେ ।

## ଥାନାରେ ଛେଳି ଅଟକ



ନୀଳଗିରି, ୨୯।୧୨ (ସମିସ): ନୀଳଗିରି ଥାନାରେ ଏକ ଛେଳି ଚୋରି ଘଟଣାକୁ ନେଇ ଉଭୟ ପକ୍ଷରୁ ଥାନାରେ ଏତଲା ଦିଆଯାଇଥିଲା । ଏହାକୁ ନେଇ ଉଭୟପକ୍ଷ ସନ୍ଧ୍ୟାରେ ଥାନାରେ ଉପସ୍ଥିତ ରହିଥିବାବେଳେ ପ୍ରଥମ ପକ୍ଷ ଛେଳି ତାଙ୍କର ବୋଲି ଦାବି କରୁଥିବା ବେଳେ ଦ୍ୱିତୀୟ ପକ୍ଷ ସୋମନାଥପୁର ଗ୍ରାମରୁ କିଣି ଆଣିଥିବାର ଦାବି କରିଛନ୍ତି । ତଦନ୍ତକାରି ଅଧିକାରୀ ଶ୍ରୀନିବାସ ରାଉତ ଶେଷରେ ଦୁଇ ପକ୍ଷଙ୍କୁ ଛେଳି ନିକଟରେ ଛିଡା କରି ଛେଳି ଯେଉଁ ପକ୍ଷ ନିକଟକୁ ଯିବ, ଛେଳି ତା'ର ହେବ ବୋଲି କହିଥିଲେ । ମାତ୍ର ଛେଳିଟି କାହାରି ନିକଟକୁ ନ ଯିବାରୁ ଥାନାରେ ରଖାଯାଇଛି । ନୀଳଗିରି ସାନଅତା ଗ୍ରାମର ମୋନାଲିସା ଦାସଙ୍କ ଏକ ମାଈ ଛେଳି ଦେଢ଼ ମାସ ପୂର୍ବରୁ ହଜି ଯାଇଥିଲା । ବହୁ ଖୋଜା ଖୋଜି ପରେ ବି ପାଇ ନ ଥିଲେ । ଗତ ଶୁକ୍ରବାର ଦିନ ତାଙ୍କ ଛେଳି ନୀଳଗିରି ଗୁଡ଼ିଖାଣିଆ ଗ୍ରାମର ଲକ୍ଷ୍ମଣ ବିନ୍ଧାଣିଙ୍କ ଘରେ ଥିବାର ଶୁଣି ଯାଇଥିଲେ । ଛେଳିକୁ ମଧ୍ୟ ଆଣି ଥାନାରେ ହାଜର କରାଇଥିଲେ । ଏପଟେ ଉକ୍ତ ଛେଳିକୁ ସୋମନାଥପୁର ଗ୍ରାମରୁ ଦୁଇ ହଜାର ଟଙ୍କା ଦେଇ କିଣି ଆଣିଥିବାର ପ୍ରକାଶ କରିଛନ୍ତି ଲକ୍ଷ୍ମଣ । ଶେଷରେ ଏ ଛେଳି କାହାର କହି ପୁଲିସ ଦୁଇ ପକ୍ଷଙ୍କୁ ଛିଡା କରାଇ ଥିବା ବେଳେ ଛେଳି ଟି କାହାରି ନିକଟକୁ ନ ଯିବାରୁ ଶେଷରେ ଥାନାରେ ରଖାଗଲା ।

### କୁପାରୀ ଶୀତ ମହୋତ୍ସବ ଉଦ୍‌ଯାପିତ

# ସତ୍ୟଜିତଙ୍କ ନୃତ୍ୟଗୀତ ଧମାକାରେ ମତୁଆଲା ଦର୍ଶକ



ଖଇରା,୨୯ ।୧୨ (ସମିସ)

ବାଲେଶ୍ୱର ଜିଲା ଖଇରା ବ୍ଲକ ଅଧୀନ କୁପାରୀ ଠାରେ ଚାଲିଥିବା ଶିତ ମହୋତ୍ସବ ରବିବାର ସଂଧ୍ୟାରେ ମନଛୁଆଁ ନୃତ୍ୟଗୀତର ଝଙ୍କାରରେ ଉଦଯାପିତ ହୋଇ ଯାଇଛି । ମହୋତ୍ସବ କମିଟିର ସଭାପତି ସୁମନ୍ତ କୁମାର ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାମଞ୍ଚରେ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଯୋଗ ଦେଇ ଜିବନ ଘୋଡାଦୌଡରେ ଗାଁଗହଳିରେ ଆୟୋଜିତ ମହୋତ୍ସବ ମଣିଷ ମଧ୍ୟରେ ସଞ୍ଜିବନୀ ଭଳି କାମ କରେ ବୋଲି ପ୍ରକାଶ କରିଥିଲେ । ବିଧାୟକ ପଦ୍ମଲୋଚନ ପଣ୍ଡା ଅନ୍ୟତମ ଅତିଥି ଭାବେ ଯୋଗ ଦେଇ ଏଭଳି ମହୋତ୍ସବର ସଫଳତା ପାଇଁ ଯୁବଗୋଷ୍ଠୀଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବ୍ଲକ ଅଧକ୍ଷା ଅଭିଲିପ୍ସା ସାହୁ, ଏସଡିପିଓ ପ୍ରମୋଦ ମଲ୍ଲିକ, ଯୁବନେତା ନିଳମାଧବ ପଣ୍ଡା, ସମିତିସଭ୍ୟ ଅକ୍ଷୟ ଜେନା, ପତିତପାବନ କର ପ୍ରମୁଖ ଉପସ୍ଥିତ ଥିଲେ । ରିଦିମ ଡ୍ୟାନ୍ସଗ୍ରୁପର ପିଲାମାନଙ୍କ ଦ୍ୱାରା ସୁନ୍ଦର ନୃତ୍ୟ ଦର୍ଶକଙ୍କୁ ବିମୋହିତ କରିଥିଲା । ସାଧାରଣ ସମ୍ପାଦକ ପ୍ରିତିଶ କୁମାର ବେହେରା ବିବରଣୀ ପାଠ କରିଥିଲେ । ଶେଷରେ ଅତିଥିମାନେ ମା' ଶାରଳା ମହାସଂଘ ତଥା କୁପାରୀ କାର୍ଯ୍ୟ କରୁଥିବା ବିଭିନ୍ନ ସଙ୍ଗଠନ ଗୁଡିକୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ । ପ୍ରସିଦ୍ଧ ଗାୟକ ସତ୍ୟଜିତ ପ୍ରଧାନଙ୍କ ଗୀତ ଦର୍ଶକଙ୍କୁ ଭରପୁର ମନୋରଞ୍ଜନ ପ୍ରଦାନ କରିଥିଲା । ଶୀତ ମହୋତ୍ସବ କମିଟିର ସମସ୍ତ ସଭ୍ୟ ୨ଦିନିଆ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ ।

